# ଓଡିଶା ଓ ପଶ୍ଚିମବଙ୍ଗରେ ଥିବା ଏଚ୍ଆଇଭି ଯୁକ୍ତ ବ୍ୟକ୍ତି ଓ ଯୌନ ସଂଖ୍ୟାଲଘୁ ସଂପ୍ରଦାୟର ସ୍ୱାସ୍ଥ୍ୟ ଓ ଅଧିକାର କ୍ଷେତ୍ରରେ ଅଗ୍ରଗତି ଓ ଦକ୍ଷତା ବୃଦ୍ଧି ପ୍ରକଳ୍ପ

ଏହା ଇଣ୍ଟରାକ୍ଟୱାଲ୍ଡ ୱାଇଡ, ଲଣ୍ଡନର ସହଯୋଗରେ ସାଥୀର ଏକ ପ୍ରକଳ୍ପ ଓ ଏହା ଡିପାର୍ଟମେଣ୍ଟ ଫର୍ ଇଣ୍ଟରନାଶନାଲ ଡେଭେଲପ୍‌ମେଣ୍ଟ – ସିଭିଲ୍ ସୋସାଇଟି ଚାଲେଞ୍ଜିଙ୍ଗ ଫଣ୍ଡ୍, ଗ୍ଲାସଗୋ ଦ୍ୱାରା ଆର୍ଥିକ ସାହାଯ୍ୟ ପ୍ରାପ୍ତ

---

## ପ୍ରକଳ୍ପ ମୁଖ୍ୟାଂଶ

ଜାତୀୟ ଏଡ୍‌ସ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପର୍ଯ୍ୟାୟ–୩ (୨୦୦୭–୧୨) ଓ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପର୍ଯ୍ୟାୟ –୨ (୨୦୦୪–୨୦୦୯) ମାଧ୍ୟମରେ ଏଚଆଇଭି ଯୁକ୍ତ ବ୍ୟକ୍ତି ଓ ଯୌନ ସଂଖ୍ୟାଲଘୁ ସଂପ୍ରଦାୟର ଯୌନସ୍ୱାସ୍ଥ୍ୟ, ପ୍ରଜନନ ସ୍ୱାସ୍ଥ୍ୟ ଓ ଏଚଆଇଭି/ଏଡ୍‌ସ ସମ୍ବନ୍ଧୀୟ ଅବସ୍ଥାରେ ଉନ୍ନତି ଆଣିବା ସହ ଦାରିଦ୍ର୍ୟ ହ୍ରାସ କରିବା ହେଉଛି ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଓଡିଶା ଓ ପଶ୍ଚିମବଙ୍ଗରେ ଥିବା ଯୌନସଂଖ୍ୟାଲଘୁ ସଂପ୍ରଦାୟ ଓ ଏଚଆଇଭି ଯୁକ୍ତ ବ୍ୟକ୍ତିମାନଙ୍କର ସଶକ୍ତିକରଣ ଦ୍ୱାରା,ଭାରତୀୟ ସମ୍ବିଧାନଗତ ସେମାନଙ୍କର ବଞ୍ଚିବାର ଅଧିକାରକୁ ନିଶ୍ଚିତକରିବା ଦ୍ୱାରା ଏହି ପ୍ରକଳ୍ପର ଲକ୍ଷ୍ୟ ହାସଲ ହୋଇପାରିବ

**ଏହି ପ୍ରକଳ୍ପର ନିମ୍ନଲିଖିତ ଚାରୋଟି ମୁଖ୍ୟ ଲକ୍ଷ୍ୟ ହେଲା:**

୧. ଓଡିଶା ଓ ପଶ୍ଚିମବଙ୍ଗର ଯୌନ ସଂଖ୍ୟା ଲଘୁ ସଂପ୍ରଦାୟ ଓ ଏଚଆଇଭି ଯୁକ୍ତ ବ୍ୟକ୍ତି ସମୂହ ମଧ୍ୟରେ ନେତୃତ୍ୱର ସନ୍ଧାନ ଓ ସେମାନଙ୍କ ଦକ୍ଷତା ବୃଦ୍ଧି ସହ ବନ୍ଧୁ ସହଯୋଗ ଓ ସୁରକ୍ଷିତ ସ୍ଥାନ ନିର୍ମାଣ ମାଧ୍ୟମରେ ବିଭିନ୍ନ ଜନଜାଗରଣ କାର୍ଯ୍ୟକ୍ରମରେ ସେମାନଙ୍କର ଅଂଶଗ୍ରହଣକୁ ନିଶ୍ଚିତ କରାଇବା।

୨. ଜନସାଧାରଣଙ୍କ ମିଳିତ ମଞ୍ଚ ଗଠନ କରିବା ଓ ତାହାକୁ ସୁଦୃଢ କରିବା ଯାହାକି ଓଡିଶା ଓ ପଶ୍ଚିମବଙ୍ଗର ଯୌନ ସଂଖ୍ୟାଲଘୁ ଓ ଏଚଆଇଭି ଯୁକ୍ତ ବ୍ୟକ୍ତିଙ୍କ ଅଧିକାର ପାଇଁ ଲଢିବା ସଙ୍ଗେ ସଙ୍ଗେ ତତ୍ ସମ୍ବନ୍ଧୀୟ ଆଇନ ଗଠନ ହେବା ଓ ତାହା ଲାଗୁ ହେବା ଦିଗରେ ଲକ୍ଷ୍ୟ ରଖିପାରିବ।

୩. ସମାଜର ମୁଖ୍ୟ ଅଂଶୀଦାର ଓ ପ୍ରଭାବଶାଳୀମାନଙ୍କ ସହ ଯୌନ ସଂଖ୍ୟାଲଘୁ ସଂପ୍ରଦାୟ ଓ ଏଚଆଇଭି ଯୁକ୍ତ ବ୍ୟକ୍ତିମାନଙ୍କର ସମ୍ପର୍କ ସ୍ଥାପନ ମାଧ୍ୟମରେ ଜିଲ୍ଲା ବା ରାଜ୍ୟ ତଥା ଆଞ୍ଚଳିକ ସ୍ତରରେ ଅନୁକୂଳ ପରିବେଶ ସୃଷ୍ଟି କରିବା।

୪. ଓଡିଶା ଓ ପଶ୍ଚିମବଙ୍ଗରେ ଯୌନ ସଂଖ୍ୟାଲଘୁ ସଂପ୍ରଦାୟ ଓ ଏଚଆଇଭି ଯୁକ୍ତ ବ୍ୟକ୍ତିଙ୍କ ପାଇଁ ଉପଯୁକ୍ତ ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବା ଓ ସେମାନଙ୍କୁ ସହାୟକ ସେବା ସୁବିଧା ମିଳିବା।

**ମୁଖ୍ୟ କାର୍ଯ୍ୟକ୍ରମ:** ଏହି ପ୍ରକଳ୍ପ ମାଧ୍ୟମରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରାଯିବ ଯେଉଁଥିରେ କି ବ୍ୟକ୍ତି ବିଶେଷ ଓ ସମୂହ ମଞ୍ଚର ଯୌନସଂଖ୍ୟାଲଘୁ ବ୍ୟକ୍ତି ଓ ଏଚଆଇଭି ଯୁକ୍ତ ବ୍ୟକ୍ତି ସଶକ୍ତ ହୋଇ ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ସେବା ଜନିତ ସମାନ ସୁବିଧା ପାଇବା ଦିଗରେ ନିଜର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିପାରିବେ।

ଏହି ବ୍ୟକ୍ତି ଓ ସମୂହ ମଞ୍ଚ ଏ ଦିଗରେ ତାଲିମ ପାଇବା ସହ ସମାନ ପ୍ରକାର ସେବା ଓ ସୁବିଧା ପାଇବା ପାଇଁ ଅଧିକାର ଉଲ୍ଲଂଘନ ହେଉଥିବା ପ୍ରମାଣ ପତ୍ର ସହ ଉପଯୁକ୍ତି ନୀତି ନିୟମରେ ସଂଶୋଧନ କରାଇବା ପାଇଁ ସ୍ୱର ଉତ୍ତୋଳନ କରିବା ଦିଗରେ  ସହାୟତା ମଧ୍ୟ ପାଇପାରିବେ।

ଏଥିପାଇଁ ଅଂଶୀଦାରମାନଙ୍କର ଅନୁଶୀଳନ ଓ ନୀତି ନିୟମର ଅନୁଧ୍ୟାନ ମାଧ୍ୟମରେ ଆନ୍ଦୋଳନର ଯୋଜନା ମାନ ପ୍ରସ୍ତୁତ କରାଯିବ। ଯୌନ ସଂଖ୍ୟାଲଘୁ ସଂପ୍ରଦାୟ  ଓ ଏଚଆଇଭି ଯୁକ୍ତ ବ୍ୟକ୍ତିଙ୍କ ଆବଶ୍ୟକତା ଓ ଅଧିକାରକୁ ବୁଝିବା ତଥା ସେମାନଙ୍କ ପ୍ରତି ଥିବା ସାମାଜିକ ବାସନ୍ଦ ଓ ଭେଦଭାବକୁ ଦୂରକରିବା ପାଇଁ, ସମାଜର ବିଭିନ୍ନ ବର୍ଗର ଅଂଶୀଦାର ଯଥା– ସାଧାରଣ ଜନତା ଓ ଗଣମାଧ୍ୟମକୁ ସାମିଲ କରି କେତେକ ନିର୍ଦ୍ଧିଷ୍ଟ ଆନ୍ଦୋଳନାତ୍ମକ ଅଭିଯାନ ମଧ୍ୟ କରାଯିବ।

ଉଭୟ ରାଜ୍ୟରେ  ଗୋଟିଏ ଗୋଟିଏ ସୂଚନା ଓ ସାଧନ କେନ୍ଦ୍ର ପ୍ରତିଷ୍ଠା କରାଯିବ, ଯେଉଁଥିରେ ଟେଲିଫୋନ, ଇ– ହେଲ୍‌ପ୍ ଲାଇନ୍ ମାଧ୍ୟମରେ ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଓ ଏଚଆଇଭି/ଏଡ୍‌ସ ସମ୍ପର୍କିତ ସେବା, ଆଇନ ଗତ ସୁବିଧା, ଆଣ୍ଟିରେଟ୍ରୋଭାଇରାଲ ଚିକିତ୍ସା ସମ୍ପର୍କୀତ ସେବା ତଥା ମାନସିକ ଓ ସାମାଜିକ ସହଯୋଗ ଦିଗରେ ବିଶେଷଜ୍ଞମାନଙ୍କ ସେବା ସମ୍ପର୍କୀତ ସୂଚନା ଯୋଗାଇ ଦିଆଯିବ। ଯୌନତା ନେଇ କୌଣସି ପ୍ରକାର ହିଂସାର ଶୀକାର ହେଉଥିଲେ ତାହାର ସେବା ବାବଦରେ ମଧ୍ୟ ସୂଚନା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

**ସେବା ଉପଲବ୍ଧକାରୀ:** ଏହି ପ୍ରକଳ୍ପର ପ୍ରାଥମିକ ଅଂଶୀଦାରମାନେ ହେଲେ  ଓଡିଶା ଓ ପଶ୍ଚିମ ବଙ୍ଗର ଯୌନ ସଂଖ୍ୟାଲଘୁ ସଂପ୍ରଦାୟ ଓ ଏଚଆଇଭି ଯୁକ୍ତି ବ୍ୟକ୍ତି ଓ ସେମାନଙ୍କର ଗୋଷ୍ଠୀ ଓ ସହାୟକ ଦଳ। ସମୂହ ମଞ୍ଚରେ ସେହି ଦଳମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯିବ ଯେଉଁମାନଙ୍କର ପ୍ରତିନିଧିତ୍ୱ ଏଥିରେ

କମ୍ ଥିବ ଏବଂ ନିଜର ଅଧିକାରର ସୁରକ୍ଷାଦିଗରେ ସେମାନଙ୍କ ପାଖରେ ସମ୍ବଳ ସବୁଠାରୁ କମ୍ ଥିବ। ମାଧ୍ୟମିକ ଅଂଶୀଦାରମାନେ ହେଲେ ଯୌନସଂଖ୍ୟାଲଘୁ ସଂପ୍ରଦାୟ ଓ ଏଚଆଇଭି ଯୁକ୍ତ ବ୍ୟକ୍ତିଙ୍କ ବନ୍ଧୁ ଓ ପରିବାର ବର୍ଗ, ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ, କୋର୍ଟର ବିଚାର ପତି ଓ ଓକିଲ, ପୋଲିସ ଓ ଶାସନକଳରେ ଥିବା ଅଫିସର, ଶିକ୍ଷକ, କଳାକାର,ଗଣ ମାଧ୍ୟମର କର୍ମୀ, ମାନବିକ ଅଧିକାର ପାଇଁ ଲଢୁଥିବା ସମାଜସେବୀ, ଧାର୍ମୀକ, ରାଜନୈତିକ ଓ ଅନ୍ୟାନ୍ୟ ସଂପ୍ରଦାୟର ନେତୃବୃନ୍ଦ, ଆଇନ ପ୍ରଣୟନକାରୀ ତଥା ସର୍ବୋପରି ଜନସାଧାରଣ।

---


**ସାଥୀର ଯୋଗାଯୋଗ ସୂଚନା:**

**ଠିକଣା:** ୩୫/୬, ମଧୁସୂଦନ ନଗର, ଭୁବନେଶ୍ୱର, ୭୫୧ ୦୦୧

**ଫୋନ୍:** ୦୬୭୪ ୨୩୯ ୧୨୪୫

**ଇ–ମେଲ୍:** saathii@yahoo.com